R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୯
ତିଥି : ଦଶମୀ
୦୪ ଏପ୍ରିଲ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 179
04 April 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡିର ୨୭ ବିଧାୟକ ପ୍ରାର୍ଥୀ



ଭୁବନେଶ୍ୱର, ୩।୪ (ସବ୍ୟୁ) : ୫ ଲୋକସଭା ଆସନ ଓ ୨୭ ବିଧାନସଭା ଆସନ ଲାଗି ବିଜେଡି ଆଜି ତାର ପ୍ରାର୍ଥୀ ଘୋଷଣା କରିଛି । ଲୋକସଭା ଆସନରେ ଦୁଇ ମହିଳା ସ୍ଥାନିତ ହୋଇଥିବାବେଳେ ବିଧାନସଭାରେ ୭ ମହିଳାଙ୍କୁ ସ୍ଥାନ ଦିଆଯାଇଛି । ୧୩ ଜଣ ନୂଆ ମୁହଁଙ୍କୁ ଏଥର ବିଜେଡି ପ୍ରାର୍ଥୀ କରିଛି । ବିଧାନସଭା ଲାଗି ଦ୍ୱିତୀୟ ପର୍ଯ୍ୟାୟ ଓ ଲୋକସଭା ଲାଗି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ହୋଇଛନ୍ତି । ଉଭୟ ଲୋକସଭା ଓ ବିଧାନସଭାରେ ୧୦ ନୂଆ ଚେହେରା ଅଛନ୍ତି ।

ବିଜେଡିର ୨୦ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିବାବେଳେ ବିଧାନସଭାର ୯୯ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି । ଆଉ ୪୮ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା ବାକି ରହିଛି । ଏଥର ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଫୁଲବାଣୀରୁ ଜୟଶ୍ରୀ କହଁର, ମହାଙ୍ଗାରୁ ଅଙ୍କିତ ପ୍ରତାପ ଜେନା, ତିର୍ତ୍ତୋଲରୁ ରମାକାନ୍ତ ଭୋଇ, ପାରଳାଖେମୁଣ୍ଡିରୁ ରୂପେଶ ପାଣିଗ୍ରାହୀ, ରାଜଗାଙ୍ଗପୁରରୁ ଅନିଲ ବରୁଆ, ଜଶିପୁରରୁ ଚନ୍ଦ୍ରଧର ହେମ୍ବ୍ରମ, ତଲସରାରୁ ଅସୁସୟା ପାତ୍ର, ମୋରଡାରୁ ପ୍ରୀତିନନ୍ଦା କାନୁନ୍‌ଗୋ ଓ ସୋରରୁ ମାଧବ ଧଡା । ସେହିଭଳି ଲୋକସଭା ଆସନରୁ ପରିଣିତା ମିଶ୍ର ନୂଆ ମୁହଁ ଭାବେ ବରଗଡ ଲୋକସଭା ନିର୍ବାଚନ ଲଢ଼ିବେ । ପ୍ରଥମଥର ଲାଗି ପରିଣିତା ମିଶ୍ର ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ମାହାଙ୍ଗା ଆସନରେ ପ୍ରତାପ ଜେନାଙ୍କ ପରିବର୍ତ୍ତେ ତାଙ୍କ ପୁଅଙ୍କୁ ପ୍ରାର୍ଥୀ କରାଯାଇଛି । ଝାରସୁଗୁଡାରେ ଦୀପାଳି ଦାସଙ୍କୁ ପୁଣି ଟିକେଟ ଦିଆଯାଇଛି । ବାରିପଦାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଲଢ଼ିବାକୁ ଥିବାବେଳେ ଜଗତସିଂହପୁରରୁ ପ୍ରଶାନ୍ତ ମୁଦୁଲି ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ଦୁଇ ନିର୍ବାଚନ ମଣ୍ଡଳୀ ଲାଗି ପ୍ରାର୍ଥୀ ଚୟନ ସରିଛି । ଏକାମ୍ର ଭୁବନେଶ୍ୱରରୁ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଥିବାବେଳେ ଭୁବନେଶ୍ୱର ଉତ୍ତରରୁ ସୁଶାନ୍ତ ରାଉତଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି । ସେହିଭଳି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଘୋଷଣା ହୋଇନାହିଁ । ଏଠାରେ ପ୍ରାର୍ଥୀ ପରିବର୍ତ୍ତନ ହୋଇପାରେ ବୋଲି ଆଶଙ୍କା ରହିଛି ।

**ପ୍ରଥମକରି ଲଢ଼ିବେ ୮ ପ୍ରାର୍ଥୀ**
**୮ ବିଧାୟକଙ୍କ ଟିକେଟ କଟିଲା**
**ଲଢ଼ିବେ ୭ ମହିଳା ପ୍ରାର୍ଥୀ**
**ପ୍ରତାପଙ୍କ ବଦଳରେ ତାଙ୍କ ପୁଅ**
**ରାଜକିଶୋରଙ୍କ ବଦଳରେ ତାଙ୍କ ପତ୍ନୀ**

### କେଜରିୱାଲଙ୍କ ଗିରଫଦାରୀ ମାମଲା

## ଶୁଣାଣି ଶେଷ, ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୩।୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରିକୁ ନେଇ ଦିଲ୍ଲୀ ହାଇକୋର୍ଟରେ ଶୁଣାଣି ସରିଛି ଓ ରାୟ ସଂରକ୍ଷିତ ରହିଛି । ଆସନ୍ତାକାଲି କେଜରିୱାଲ ନାୟିକ ହେପାଜତରୁ ମୁକ୍ତ ହେବେ କି ନାହିଁ ତାହା ଜଣାପଡିବ । ଗତମାସରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଏପ୍ରିଲ ୧୫ ଯାଏ ତିହାର ଜେଲ୍‌କୁ ପଠାଇ ଦିଆଯାଇଛି । ଦିଲ୍ଲୀ ମଦନୀତି ଦୁର୍ନୀତିରେ ତାଙ୍କର କିଙ୍ଗପିଙ୍ଗ ଭୂମିକା ଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି । ତେବେ ଏହି ଗିରଫଦାରୀ ବିରୋଧରେ କେଜରିୱାଲ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ ।

ଶୁଣାଣି ସମୟରେ ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ବ୍ୟାପକ ଯୁକ୍ତିତର୍କ ହୋଇଛି । ଇଡି ପକ୍ଷରୁ ଅତିରିକ୍ତ ସଲିସେଟର ଜେନେରାଲ ଏସ୍‌ଭି ରାଜୁ କହିଥିଲେ ଯେ କେଜରିୱାଲଙ୍କୁ ଗିରଫ କରାଯାଇଛି । ଯଦି କୌଣସି ଅପରାଧୀକୁ ସନ୍ଦେହରେ ଗିରଫ କରାଯାଏ ଓ ଜେଲ୍‌ରେ ରଖାଯାଏ ଏବଂ ତାଙ୍କର ଅନୁସନ୍ଧାନ ଚାଲୁଥାଏ ସେ ସମୟରେ ତାଙ୍କର କହିବାର କିଛି ଅଧିକାର ନାହିଁ । ଆମେ ଅପରାଧ କରିବୁ କିନ୍ତୁ ନିର୍ବାଚନ ପାଇଁ ଆମକୁ ଗିରଫ କରାଯାଇପାରିବ ନାହିଁ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ । (୯ ପୃଷ୍ଠାରେ)

## ପୃଥକ ସଡ଼କ ଦୁର୍ଘଟଣା : ୫ ମୃତ

ନିରାକାରପୁର/ଆଠଗଡ଼/ବାଲୁଗାଁ, ୩।୪ (ସବ୍ୟୁ) : ବୁଧବାର ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୫ଜଣଙ୍କର ମୃତ୍ୟୁ ହୋଇଛି। ଟ୍ରକ୍ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲାଛ ଫଳରେ ଟ୍ରକ୍ଟି ଦୁଇଗଡ଼ ହୋଇଥିଲା ବେଳେ ଡ୍ରାଇଭର ଓ ହେଲ୍ପରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛିଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଲା ଟ୍ରକଛ ଫଳରେ ଟ୍ରକ୍ଟି ଦୁଇଗଡ଼ ହୋଇଯାଇଛିଛ ଘଟଣା ସ୍ଥଳରେ ଟ୍ରକ ଚାଳକ ଓ ହେଲ୍ପର ମୃତଛ ମୃତକଙ୍କର ପରିଚୟ ମିଳି ପାରିନାହିଁଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନାର ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଘଟିଛି। ଏହି ରାଜପଥ ଦେଇ ଏକ ଟ୍ରକ୍ ଲୌହ ସାମଗ୍ରୀ ନେଇ କୋଲକାତାରୁ ବିଶାଖାପାଟଣା ଯାଉଥିଲା। ଏହି ସମୟରେ ଟ୍ରକ୍ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା।ଫଳରେ ଟ୍ରକଟି ଦୁଇଗଡ଼ ହୋଇଥିଲା ବେଳେ ଡ୍ରାଇଭର ଓ ହେଲପରରରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ଘଟଣା ସ୍ଥଳରେ ଟାଙ୍ଗୀ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।ମୃତ ଟ୍ରକ ଚାଳକ ଓ ହେଲପରର ପରିଚୟ ମିଳିପାରିନାହିଁ । ସେହିପରି କଟକ (୯ ପୃଷ୍ଠାରେ)

## ପାରଦ ଛୁଇଁଲା ୪୦°

ଭୁବନେଶ୍ୱର, ୩।୪ (ସବ୍ୟୁ): ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡ଼ିଗ୍ରୀ ଛୁଇଁଲା ତାତି । ଟିଟଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ସର୍ବୋଚ୍ଚ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି । ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକାର ତାପମାତ୍ରା ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରି ଉପରେ ପାରଦ । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର । ଉପକୂଳ ଓଡ଼ିଶାରେ ତାତି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ । ଲୋକେ ସନ୍ତୁଳି ହେବେ । ଦିନ ୧୧ ଟାରୁ ଅପରାହ୍ନ ୩ ଟାକୁ ପିକ୍ ଆୱାର ଘୋଷଣା କରାଯାଇଛି । ଏହି ସମୟରେ ବୟସ୍କ ଏବଂ ଶିଶୁଙ୍କୁ ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ୪୦ ଡିଗ୍ରି ଅତିକ୍ରମ କରିବ ତାପମାତ୍ରା । ଉପକୂଳ ଓଡ଼ିଶାରେ ୩୯ ଡିଗ୍ରୀ ସହ ୬୦ ପ୍ରତିଶତ ରହିବ ଆର୍ଦ୍ରତା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ସେପଟେ କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ତାତି ବଢ଼ିବ । ଶନିବାର ଦକ୍ଷିଣ ଓ ଉତ୍ତର ଆଭ୍ୟନ୍ତରରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ହେଇପାରେ । ଆସନ୍ତାକାଲି (ଶୁକ୍ରବାର) ଠାରୁ ଭୁବନେଶ୍ୱର ସମେତ ସମଗ୍ର ଉପକୂଳରେ ତାପମାତ୍ରା ବଢ଼ିବ । ସମ୍ଭବତଃ ଏପ୍ରିଲ ପହିଲାରେ ଭୁବନେଶ୍ୱର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିପାରେ । ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତର ଗରମ ରହିଥିବା ଦକ୍ଷିଣ ଆଭ୍ୟନ୍ତରରେ ତାତି ଜାରି ରହିବ । ହୁଏତ ଆସନ୍ତା ତିନି ଦିନ ଭିତରେ ଆଉ ୧ ଡିଗ୍ରୀ ବଢ଼ିପାରେ । ତେବେ ସପ୍ତାହେ ପର୍ଯ୍ୟନ୍ତ ତାତି କମିବାର ସମ୍ଭାବନା ନାହିଁ । ଏପ୍ରିଲ ୨ତାରିଖରେ ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହୋଇପାରେ । ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବାଧିକ



**୫ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ**
**ଆଉ ୫ଦିନ ତାତିରୁ ନିସ୍ତାର ନାହିଁ**
**ଉପକୂଳରେ ଗୁଳୁଗୁଳି ଜାରି ରହିବ**
**ଏପ୍ରିଲ ୧ରେ ଭୁବନେଶ୍ୱରରେ ୪୦°**

ଓ କେନ୍ଦ୍ରୀୟ ଓଡ଼ିଶାରେ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିପାରେ । ବର୍ତ୍ତମାନ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିପାରେ । ଉପକୂଳରେ ଗୁଳୁଗୁଳି ଜାରି ରହିବ । (୯ ପୃଷ୍ଠାରେ)

## ଏରୋଗୋଲା ଗ୍ୟାଙ୍ଗ୍‌ର ୧୧ ଲୁଟେରା ଗିରଫ



ଭୁବନେଶ୍ୱର, ୩।୪ (ସବ୍ୟୁ) : କମିଶନରେଟ୍ ପୋଲିସ ୧୧ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ଟି ଚୋରି ବାଇକ୍, ୫୦ ମୋବାଇଲ, ୨୫ଗ୍ରାମ ଓଜନର ସୁନା ଗହଣା, ୨ଲକ୍ଷ ୫୦ ହଜାର ନଗଦ ଟଙ୍କା, ଡିକି ଭାଙ୍ଗିବା ଯନ୍ତ୍ର, ବାଟୁଲିଖଡା ଜବତ ହୋଇଛି । ଏମାନଙ୍କ ସମ୍ପର୍କରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସାମ୍ବାଦିକ ସମ୍ମିଳନୀ କରିଥିଲେ । ଶ୍ରୀ ପଣ୍ଡାଙ୍କ କହିବାନୁଯାୟୀ ଏମାନଙ୍କ ନାଁରେ ୨୭ରୁ ଊର୍ଦ୍ଧ୍ୱ ମାମଲା ପଞ୍ଜୀକୃତ ରହିଛି ।

ଗିରଫ ଲୁଟେରାମାନେ ହେଲେ ବିନୋଦ ଦାସ (୨୨), ଅନୀଲ ଦାସ (୧୯), ଏମ୍.ରାଜା (୩୫), ଶିବ ଦାସ (୨୩), ଏ.ପ୍ରସାଦ (୨୨), ପି.ଅଜୟ (୨୦), ଏ.ଅଶୋକ (୨୦), ପି.ସୁବାସ (୨୫), ଡି. ଶ୍ରୀନିବାସ (୨୨), ସମୀର ପ୍ରଧାନ (୧୯), ଏମ୍.ରାଜଶେଖର ଆଚାରୀ (୩୭) । ଏମାନଙ୍କ ମଧ୍ୟରୁ ସମୀର ପ୍ରଧାନ ଘର ଯାଜପୁର ହୋଇଥିବା ବେଳେ ଅନ୍ୟ ସମସ୍ତଙ୍କ ଘର ଗଞ୍ଜାମ ଜିଲ୍ଲାରେ । ଏହି ଗ୍ୟାଙ୍ଗ କେବଳ ଭୁବନେଶ୍ୱର ନୁହେଁ ଓଡିଶାର ବିଭିନ୍ନ ଜିଲ୍ଲାରେ ଅପରାଧ (୯ ପୃଷ୍ଠାରେ)

**ଅଢେଇ ଲକ୍ଷ ଟଙ୍କା, ୨୫ଗ୍ରାମ ସୁନାଗହଣା, ବାଇକ୍, ୫୦ ମୋବାଇଲ ଫୋନ୍ ଜବତ**

## ବିଜେଡିର ୫ ଲୋକସଭା ପ୍ରାର୍ଥୀ

ଭୁବନେଶ୍ୱର, ୩।୪ (ସବ୍ୟୁ) : ବିଜେଡି ଆଜି ତୃତୀୟ ପର୍ଯ୍ୟାୟ ଲାଗି ଲୋକସଭା ପ୍ରାର୍ଥୀ ଘୋଷଣା କରିଛି । କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂ ଭୋଇଙ୍କୁ ବଲାଙ୍ଗିର ଲୋକସଭା ଆସନରୁ ପ୍ରାର୍ଥୀ କରାଯାଇଛି । ସେହିଭଳି ବିଜେପି ଛାଡି ବିଜେଡିରେ ମିଶିଥିବା ପରିଣତା ମିଶ୍ର ଓ ଭୃଗୁବକ୍ସି ପାତ୍ରଙ୍କୁ ମଧ୍ୟ ଦଳ ପ୍ରାର୍ଥୀ କରିଛି । ପରିଣିତା ମିଶ୍ର ବରଗଡ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ବ୍ରହ୍ମପୁରରୁ ଭୃଗୁବକ୍ସି ପାତ୍ର ପ୍ରାର୍ଥୀ ହୋଇଛନ୍ତି । କେନ୍ଦୁଝରରେ ଧନୁର୍ଜୟ ସିଦ୍ଧୁଙ୍କୁ ବିଜେଡି ଟିକେଟ ଦେଇଛି । ତେବେ ବାଲେଶ୍ୱର ଲୋକସଭା ଆସନ ଲାଗି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇନାହିଁ ।

## ସ୍ତ୍ରୀକୁ ହାଣି ଖଣ୍ଡଖଣ୍ଡ କଲା ସ୍ୱାମୀ

ବୌଦ୍ଧ, ୩।୪ (ସବ୍ୟୁ) : ସ୍ୱାମୀ ସାଜିଲା ପିଶାଚ। ଧାରୁଆ ଅସ୍ତ୍ରରେ ସ୍ତ୍ରୀକୁ ହାଣି ପିସ୍ ପିସ୍ କରିଦେଲା। ଏଭଳି ଅଭିଯୋଗ ଆସିଛି ବୌଦ୍ଧ ଟାଉନ୍ ଥାନା ଅନ୍ତର୍ଗତ ବୃନ୍ଦାବନ ଗାଁ ଟିକିରା ସାହିରେ । ମୃତ ମହିଳା ଜଣଙ୍କ ହେଲେ ଆମ୍ରିତି ନାଗ। ଅଭିଯୁକ୍ତ ସ୍ୱାମୀ ସନାତନ ନାଗ ଘଟଣା ଘଟାଇ ଫେରାର ଅଛି । ସନାତନ ଓ ତାଙ୍କ ସ୍ତ୍ରୀ ଟିକିରା ସାହିରେ ରହୁଥିଲେ। ସନାତନ ମଦ ପିଇ ଆସି ପ୍ରତିଦିନ ସ୍ତ୍ରୀଙ୍କ ସହିତ ଝଗଡ଼ା କରନ୍ତି। ମଙ୍ଗଳବାର ରାତିରେ ମଧ ମଦ ପିଇ ଆସି ନିଜ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସନାତନ ଧାରୁଆ ଅସ୍ତ୍ର ଆଣି ନିଜ ସ୍ତ୍ରୀକୁ ହାଣି ୨୦ରୁ ୩୦ ଖଣ୍ଡ କରିଦେଇଥିଲା । ପରେ ସନାତନ ଫେରାର ହୋଇଯାଇଥିଲା। ସକାଳେ ଘର ଆଗରେ ରକ୍ତ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ଭାଙ୍ଗି ଆମ୍ରିତିଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ଏହାସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସନାତନ ଆମ୍ରିତିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପୁଲିସ ସନାତନକୁ ଧରିବାକୁ ଉଦ୍ୟମ ଚଳାଇଛି ।

## ଆଇଆଇଟି ବମ୍ବେରେ ପଢ଼ି ବି ଚାକିରି ନାହିଁ



ନୂଆଦିଲ୍ଲୀ, ୩।୪ : ଚାକିରି ସମସ୍ୟା ଉତ୍କଟ ହେବାରେ ଲାଗିଛି । ଦେଶର ସବୁଠୁ ଅଗ୍ରଣୀ ତଥା ପୁରାତନ ପ୍ରତିଷ୍ଠାନ ଆଇଆଇଟି ବମ୍ବେରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଚାକିରି ମିଳୁନାହିଁ । ଏକ ରିପୋର୍ଟରୁ ଜଣାଯାଇଛି ଯେ ୩୬% ଆଇଆଇଟି ବମ୍ବେ ସ୍ନାତକ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି । ଯାହା ଏବେ ପ୍ରମୁଖ ଆହ୍ୱାନ ସୃଷ୍ଟି କରିଛି । ଆଇଆଇଟି ପଢୁଥିବା ଛାତ୍ରଙ୍କ କ୍ଷେତ୍ରରେ ଯଦି ଏହି ପରିସ୍ଥିତି ତାହେଲେ ଅନ୍ୟ ଛାତ୍ରମାନଙ୍କ ଭବିଷ୍ୟତ କଣ ଏଥିରୁ ସହଜେ ଅନୁମେୟ ।

ଏହା ଗୁପ୍ତ ନୁହେଁ ଯେ ଭାରତରେ ନିଯୁକ୍ତି ବଜାର ଏବେ ଦୁର୍ବଳ ହୋଇଛି । କିଛିମାସ ହେବ ପ୍ରମୁଖ କମ୍ପାନୀଗୁଡିକ ମଧ୍ୟ ନିଯୁକ୍ତି ଦେବା ବନ୍ଦ କରିଦେଇଛନ୍ତି । ବିଶେଷ କରି ଖର୍ଚ୍ଚ କମାଇବା ପାଇଁ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ଏକ ସମୟ ଥିଲା ଆଇଆଇଟି ଓ ଆଇଆଇଏମ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ନିଯୁକ୍ତି ମିଳୁଥିଲା । ଗତବର୍ଷ ମଧ୍ୟ ଏହି ସ୍ଥିତି ଥିଲା । ମାତ୍ର ଚଳିତ ବର୍ଷ ଆଇଆଇଟି ବମ୍ବେର ୩୬% ଛାତ୍ର ନିଯୁକ୍ତି ପାଇନାହାନ୍ତି । ପ୍ରାୟ ୨୦୦୦ ଛାତ୍ର ୨୦୨୪ ପାଇଁ ପ୍ଲେସ୍‌ମେଣ୍ଟ ଲାଗି ଆବେଦନ କରିଥିଲେ । ୭୧୨ ଛାତ୍ରଛାତ୍ରୀ ଏବେବି ଚାକିରି ଅପେକ୍ଷାରେ ଅଛନ୍ତି । ଆଇଆଇଟି ବମ୍ବେ ୨୦୨୧-୨୨ରେ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂରେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିଲା । ଆସିଥିବା କମ୍ପାନୀଗୁଡିକ ବିଶ୍ୱସ୍ତରରେ ଆର୍ଥିକ ମାନ୍ଦାବସ୍ଥା ପାଇଁ ସେମାନଙ୍କ ପ୍ୟାକେଜକୁ ମଧ୍ୟ କମାଇ ଦେଇଥିବା ସୂଚନା ମିଳିଛି । ଅଧିକାଂଶ କମ୍ପାନୀ ପୂର୍ବରୁ ନିଷ୍ପତ୍ତି ନେଇଥିବା ଦରମା ପ୍ୟାକେଜ୍ ମଧ୍ୟ ଏକ ଭଲ କଲେଜ । କିନ୍ତୁ ଏଠି ଲୋକମାନେ ଚାକିରି ପାଇଁ ସମସ୍ୟାରେ ପଡୁଥିବା ସମ୍ପର୍କରେ ଜଣେ ଛାତ୍ର ଟ୍ୱିଟରରେ ଉଲ୍ଲେଖ କରିଛନ୍ତି । କେହି ଯଦି କେବେ ବେକାରୀର ହାରକୁ ଅନୁଧ୍ୟାନ କରେ ତେବେ ଜାଣିପାରିବ । ଭାରତୀୟ ନିଯୁକ୍ତି ରିପୋର୍ଟ ୨୦୨୪ ଆଇଏଲ୍‌ଓ

**୩୬% ଛାତ୍ରଛାତ୍ରୀଙ୍କୁ ମିଳିଲାନି ନିଯୁକ୍ତି**
**ଖର୍ଚ୍ଚ କାଟ ଆଳରେ କମ୍ପାନୀ ଦେଉନି ନିଯୁକ୍ତି**
**ଦେଶରେ ୨୯.୧% ସ୍ନାତକ ଡିଗ୍ରୀଧାରୀ ବେକାର**

ଦେବାପାଇଁ କୁଣ୍ଠାବୋଧ କରୁଛନ୍ତି । ସେମାନେ ଏକ ହାରାହାରି ପ୍ୟାକେଜ୍ ଛାତ୍ରଙ୍କୁ ଦେଉଛନ୍ତି । ଫଳରେ ଅଧିକାଂଶ ଛାତ୍ରଛାତ୍ରୀ ନିଯୁକ୍ତି ନେବେ କି ନାହିଁ ଦ୍ୱନ୍ଦ୍ୱରେ ପଡୁଛନ୍ତି । ଆଇଆଇଟି ବମ୍ବେ ଭାରତର ଦ୍ୱାରା ପ୍ରକାଶ ପାଇଛି । ଏହି ରିପୋର୍ଟରେ ସ୍ନାତକ ଡିଗ୍ରୀଧାରି ଯୁବକଙ୍କ ମଧ୍ୟରେ ୨୯.୧% ବେକାରୀ ଥିବା କୁହାଯାଉଛି । ସମଗ୍ର ଦେଶରେ ବେକାରୀଙ୍କ ସଂଖ୍ୟା ୮୩% ।

### ୱାୟନାଡ୍‌ରୁ ନାମାଙ୍କନ ଭରିଲେ ରାହୁଲ

## ଗଣତନ୍ତ୍ରକୁ ବଞ୍ଚାଇବା ଯାଏ ଅବିଶ୍ରାନ୍ତ ଲଢ଼ିବି



ନୂଆଦିଲ୍ଲୀ, ୩।୪ : ୱାୟନାଡ୍ ଲୋକସଭା ଆସନ ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ପୁନର୍ବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବିରୋଧୀ ମେଣ୍ଟ ଇଣ୍ଡିଆର ସବୁ ସଦସ୍ୟଙ୍କ ସହ ସେ ପ୍ରାର୍ଥିପତ୍ର ଦାଖଲ କରିବା ପରେ ସେ କହିଛନ୍ତି ଯେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଏ ଲଢ଼େଇ ଜାରି ରହିବ । ଯେପର୍ଯ୍ୟନ୍ତ ଆମେ ଜିତିନାହୁଁ ସେ ପର୍ଯ୍ୟନ୍ତ ବିଶ୍ରାମ ନେବାର ନାହିଁ ।

କେରଳର ୱାୟନାଡ୍‌ରୁ ରାହୁଲ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏଥର ନିର୍ବାଚନ ଭାରତର ଆତ୍ମା ପାଇଁ ଲଢ଼ାଯାଉଛି । ଏହା ଆମ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ସହ ଘୃଣା ପ୍ରଚାର, ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଲଢ଼େଇ କରାଯାଉଛି । ଭାରତମାତାର ସ୍ୱରକୁ ଚପାଇ ଦିଆଯାଉଛି । ମୋ ସହିତ କାଶ୍ମୀରରୁ କନ୍ୟାକୁମାରୀ ଓ ମଣିପୁରରୁ ମୁମ୍ବାଇ ପର୍ଯ୍ୟନ୍ତ ସବୁ ନାଗରିକ ସାମିଲ ହୋଇ ଏହି ଲଢ଼େଇ ଲଢ଼ିବେ । ଯେ ପର୍ଯ୍ୟନ୍ତ ଏ ଯୁଦ୍ଧ ଜିତିନାହୁଁ ସେ ପର୍ଯ୍ୟନ୍ତ ବିଶ୍ରାମ ନାହିଁ । ଏହି ନିର୍ବାଚନଟି ଗଣତନ୍ତ୍ର ଓ ଭାରତର ସମ୍ବିଧାନ ପାଇଁ ଲଢ଼ାଯାଉଛି । ଭାରତୀୟ ଜନତାପାର୍ଟିର ନେତୃତ୍ୱାଧୀନ ସରକାର ଗଣତନ୍ତ୍ରକୁ (୯ ପୃଷ୍ଠାରେ)